ସକାଳ THE SAKALA



# ଅଲ୍ ଇଣ୍ଡିଆ ଥିଏଟର କାଉନ୍‌ସିଲ୍‌ର ଜାତୀୟ ଅଧିବେଶନ ଆରମ୍ଭ

ପୁରୀ, ୧୧।୪(ସମିସ)




ଅଲ୍ ଇଣ୍ଡିଆ ଥିଏଟର କାଉନ୍‌ସିଲ୍‌ର ଜାତୀୟ ଅଧିବେଶନ ସ୍ଥାନୀୟ ଏକ ହୋଟେଲରେ ଶନିବାର ଆରମ୍ଭ ହୋଇଛି। ଏଥିରେ ଦେଶର ୧୯ଟି ରାଜ୍ୟର କଳାକାର ଅଂଶଗ୍ରହଣ କରୁଛନ୍ତି। ସମସ୍ତ ଅତିଥି କଳାକାରଙ୍କୁ ଏଆଇଟିସିର ଜାତୀୟ ଉପାଧ୍ୟକ୍ଷ ରାଜଗୋପାଳ ପାଢ଼ୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

ଅଲ୍ ଇଣ୍ଡିଆ ଥିଏଟର କାଉନ୍‌ସିଲ୍‌ର ସମସ୍ତ ପଦାଧିକାରୀ ମିଳିତ ଭାବେ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି ରାଜଗୋପାଳ ପାଢ଼ୀ କହିଥିଲେ ଯେ, 'କଳାକାରମାନଙ୍କ ସମ୍ମୁଖରେ ରୋଜଗାରର ସଙ୍କଟ ରହିଥିଲେ ମଧ୍ୟ ଆମେ ସମସ୍ତେ ରଙ୍ଗମଞ୍ଚକୁ ଜୀବନ୍ତ ରଖିବା ପାଇଁ କାମ କରୁଛୁ। ରେଳବାଇରେ କଳାକାରମାନଙ୍କୁ ମିଳୁଥିବା ରିଆତି ବନ୍ଦ ହୋଇଯାଇଥିବାରୁ, ତାହାକୁ ପୁନର୍ବାର ଆରମ୍ଭ କରିବା ପାଇଁ ସେ ଆଶ୍ୱାସନା ଦେବା ସହ କଳାକାରମାନଙ୍କୁ ପେନ୍‌ସନ ମିଳିବା ଉଚିତ୍ ବୋଲି କହିଥିଲେ। ଏଥିସହିତ ବନ୍ଦ ହୋଇଯାଇଥିବା 'ରେପର୍ଟରି'କୁ ପୁଣି ଚାଲୁ କରିବା ପାଇଁ ପ୍ରୟାସ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସ୍ମରଣିକା 'ଦର୍ପଣ' ଉନ୍ମୋଚିତ ହୋଇଥିଲା। ଜାତୀୟ ସାଧାରଣ ସମ୍ପାଦକ ସତୀଶ କୁନ୍ଦନ ଗତ ତିନି ବର୍ଷର କାର୍ଯ୍ୟ ବିବରଣୀ ଉପସ୍ଥାପନ କରି ସଂଗଠନ ଗଠନରେ ଆସିଥିବା ଅସୁବିଧା ଏବଂ ସଫଳତା ବିଷୟରେ ଆଲୋକପାତ କରିଥିଲେ। ଜାତୀୟ ଉପାଧ୍ୟକ୍ଷ ମହମ୍ମଦ ନିଜାମ କହିଥିଲେ ଯେ, ଏହା ଦେଶର ପ୍ରଥମ କଳାକାର ସଂଗଠନ ଯେଉଁଠାରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ହୁଏ। ଜାତୀୟ ଅଧ୍ୟକ୍ଷ ଅଶୋକ ମେହେରା, କୋଷାଧ୍ୟକ୍ଷ ସୁନୀଲ, ଜାତୀୟ ସଂଯୋଜକ ଅଶୋକ ମାନବ ସଂଗଠନକୁ ଏକ ପରିବାର ଭଳି ଆଗକୁ ନେବାକୁ ଆହ୍ୱାନ ଦେଇଥିଲେ। ଓଡ଼ିଶା ପ୍ରଦେଶ ସଭାପତି ରାମଚନ୍ଦ୍ର ସାସମଲ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡ଼ିଶା ସାଧାରଣ ସମ୍ପାଦକ ବିଶ୍ୱମ୍ଭର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ହିମାଞ୍ଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଦିଲ୍ଲୀ, ହରିୟାଣା, ମଧ୍ୟପ୍ରଦେଶ, ବିହାର, ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ, ଆସାମ, ଛତିଶଗଡ଼, ପଶ୍ଚିମବଙ୍ଗ ଏବଂ ଓଡ଼ିଶାରୁ ପ୍ରାୟ ୧୨୦ ଜଣ ପ୍ରତିନିଧି ଯୋଗଦେଇଛନ୍ତି। ଅନ୍ତିମ ଅଧିବେଶନରେ ସର୍ବସମ୍ମତି କ୍ରମେ ଜାମସେଦପୁରର ମହମ୍ମଦ ନିଜାମଙ୍କୁ ଅଲ୍ ଇଣ୍ଡିଆ ଥିଏଟର କାଉନ୍‌ସିଲ୍‌ର ନୂତନ ଜାତୀୟ ଅଧ୍ୟକ୍ଷ ଏବଂ ସତୀଶ କୁନ୍ଦନଙ୍କୁ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ କରାଯାଇଛି। ଏହା ସହ ଅନ୍ୟାନ୍ୟ ପଦ ପାଇଁ ମଧ୍ୟ କର୍ମକର୍ତ୍ତା ଚୟନ କରାଯାଇଛି।

**ମହମ୍ମଦ ନିଜାମ ହେଲେ ଜାତୀୟ ଅଧ୍ୟକ୍ଷ ଓ ସତୀଶ କୁନ୍ଦନ ସାଧାରଣ ସମ୍ପାଦକ**

# ଦୁର୍ଘଟଣାରେ ଆହତ ସରପଞ୍ଚଙ୍କ ମୃତ୍ୟୁ



**ପିପିଲି, ୧୧।୪(ସମିସ):** ପିପିଲି ବ୍ଲକର ସଁପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଝରଣା ବରାଳ(୪୫)ଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ସଁପୁର ଜେନା ସାହିର ସଞ୍ଜୀବ ବରାଳ ଓରଫ ବାବୁଙ୍କ ସ୍ତ୍ରୀ ଝରଣା ୨୦୨୨ରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ଭାବେ ବିଜୟୀ ହୋଇଥିଲେ। ସେ ନିରବଚ୍ଛିନ୍ନ ଭାବେ ଦଳମତ ନିର୍ବିଶେଷରେ କାର୍ଯ୍ୟ କରି ସଁପୁର ଗ୍ରାମ ପଞ୍ଚାୟତ ସହ ପଡ଼ୋଶୀ ପଞ୍ଚାୟତରେ ମଧ୍ୟ ସମସ୍ତଙ୍କର ଶ୍ରଦ୍ଧାର ପାତ୍ରୀ ହୋଇଥିଲେ।

ପ୍ରକାଶ ଯେ, ତାଙ୍କ ଦେହ ଅସୁସ୍ଥ ହେବାରୁ ସେ ଗତ ମାର୍ଚ୍ଚ ୨୫ ତାରିଖରେ ଏକ ଅଟୋ ଯୋଗେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିଲେ। ବାଟରେ ବର୍ଜୁପାଟଣା ଛକଠାରେ ଅଟୋ ଦୁର୍ଘଟଣା ହେବାରୁ ଝରଣା ଗୁରୁତର ଆହତ ହୋଇଥିଲେ। ମଙ୍ଗଳପୁରଠାରେ ଏକ ଘରୋଇ କ୍ଲିନିକ୍‌ରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସଁପୁର ଗ୍ରାମପଞ୍ଚାୟତ ସହିତ ପିପିଲି ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ଝରଣଙ୍କର ପାର୍ଥିବ ଶରୀରକୁ ପିପିଲି ଟୋଲ୍ ଗେଟ୍‌ଠାରୁ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ବାଇକ୍ ଶୋଭାଯାତ୍ରାରେ ଶତାଧିକ ବ୍ୟକ୍ତି ପାଛୋଟି ଆଣି ସଁପୁର ଗ୍ରାମ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ଶେଷରେ ଗାଁ ମଶାଣିରେ ଅନ୍ତିମ ସଂସ୍କାର କରାଯାଇଛି।

# ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟ୍

**କଣାସ, ୧୧।୪(ସମିସ):** କଣାସ ଥାନା ପାଣ୍ଡିଆକେରା ଗ୍ରାମପଞ୍ଚାୟତର ଘରଛିଆ ଗ୍ରାମରେ ଲିଙ୍ଗରାଜ ସାହୁଙ୍କ ଘରୁ ଦୁର୍ବୃତ୍ତମାନେ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱର ସ୍ୱର୍ଣ୍ଣ ଅଳଙ୍କାର ଲୁଟେରାମାନେ ଲୁଟି ନେଇଥିବା ଶନିବାର କଣାସ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଲୁଟେରାମାନେ ପାଚେରି ଡେଇଁ ଘର ଭିତରେ ପଶି ଆଲମିରା ଭାଙ୍ଗି ଭିତରେ ଥିବା ଅଳଙ୍କାର ବକ୍ସକୁ ନେଇଯାଇ ଘରର କିଛି ଦୂରରେ ବାକ୍ସକୁ ଭାଙ୍ଗି ଅଳଙ୍କାର ନେଇଯାଇଥିଲେ। ଅଭିଯୋଗ ପାଇବା ପରେ କଣାସ ଥାନା ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଲୁଟେରାମାନଙ୍କର କୌଣସି ସନ୍ଧାନ ମିଳି ନ ଥିବା ଜଣାପଡ଼ିଛି।

# କାଳବୈଶାଖୀ ଯୋଗୁଁ ଧାନ ଫସଲ ନଷ୍ଟ; କାନ୍ଦୁଛନ୍ତି ଚାଷୀ



**କଣାସ, ୧୧।୪(ସମିସ):** ପୁରୀ ଜିଲ୍ଲା କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାବେଳେ ଖାଲୁଆ ଅଞ୍ଚଳ ଭାବେ ପରିଚିତ। ଏଠାରେ ସାମାନ୍ୟ ବର୍ଷା ହେଲେ ପାଣି ଜମିରହେ। ପ୍ରତ୍ୟେକ ବର୍ଷ ବନ୍ୟା ସମୟରେ ପାଣି ଜମି ରହୁଥିବାରୁ ଶାରଦ ଧାନ ଫସଲ ପ୍ରତି ବର୍ଷ ନଷ୍ଟ ହୋଇଯାଉଥିବାରୁ ଚାଷୀମାନେ ଖରାଟିଆ ଧାନ ଫସଲ ଉପରେ ନିର୍ଭର କରନ୍ତି। ଚଳିତ ବର୍ଷ ମଧ୍ୟ ଚାଷୀମାନେ ଖରାଟିଆ ଧାନ ଫସଲ କରିଥିଲେ। ଜମିରେ ଧାନଗୁଡ଼ିକ ପାଚିଯାଇଥିବା ବେଳେ ଲଗାତର ୪ ଦିନ ଧରି ପ୍ରବଳ ବର୍ଷା, ପବନ ହେବାରୁ ଧାନ ଗଛଗୁଡ଼ିକ ଜମିରେ ଶୋଇପଡ଼ିଛି। ଜଳ ଜମିରହିଥିବାରୁ ଧାନଗୁଡ଼ିକ ଗଜା ହୋଇଗଲାଣି। ଚଷୀମାନେ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି ଓ ଗାଁ ମହାଜନଠାରୁ ଋଣ ଆଣି ଧାନ ଚାଷ କରିଥିଲେ। ଗଜା ଧାନକୁ ଦେଖି ଚାଷୀମାନେ ବିଲ ମୁଣ୍ଡରେ ବସି ଆଖିରୁ ଲୁହ ନିଗାଡୁଥିବା ଦେଖିବାକୁ ମିଳୁଛି। ରାଜ୍ୟ ସରକାର ତଦନ୍ତ କରି ଚାଷୀମାନଙ୍କୁ କ୍ଷତିପୂରଣ ଦେବା ପାଇଁ ଦାବି ହେଉଛି।

# ରାମଲୀଳା ଉତ୍ସବ ଉଦ୍‌ଯାପିତ



**କଣାସ, ୧୧।୪(ସମିସ):** କଣାସ ବ୍ଲକ କାଦୁଆ ଗ୍ରାମପଞ୍ଚାୟତ ସାହସପୁର ଗ୍ରାମର ରଘୁନାଥ ପୀଠରେ ଚୈତ୍ର ଶୁକ୍ଳପକ୍ଷ ଶ୍ରୀରାମ ନବମୀଠାରୁ ଆରମ୍ଭ ହୋଇଥିବା ୧୧୬ତମ ରାମଲୀଳା ନାଟକ ଉତ୍ସବ ୧୫ ଦିନ ଧରି ଚାଲିବା ପରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୧୫ ଦିନ ଧରି ରାମ ନାଟକ ଓ ଶଦାଶିବ ଭଣତି ରାମଲୀଳା ପୁସ୍ତକ ପଠନ କରାଯାଉଥିଲା। ରଘୁନାଥ ନାଟ୍ୟ ସଂସଦର କଳାକାରମାନେ ରାମଲୀଳା ପରିବେଷଣ କରିଥିଲେ। ଶ୍ରୀରାମ ଜନ୍ମଠାରୁ ରାମ ବନବାସ, ସୀତାଚୋରି, ଲଙ୍କାପୋଡ଼ି, ସେତୁବନ୍ଧ ପ୍ରତିଷ୍ଠା, ଲକ୍ଷ୍ମଣ ଶକ୍ତିଭେଦ, ଇନ୍ଦ୍ରଜିତ ବଧ, କୁମ୍ଭକର୍ଣ୍ଣ ବଧ, ମହିରାବଣ ବଧ ଓ ରାବଣ ବଧ ପରିବେଷଣ ହେବା ସହ ଶୁକ୍ରବାର ଦିବସବ୍ୟାପୀ ରାମାଭିଷେକ ସହ ଗ୍ରାମ୍ୟ ପରିକ୍ରମା ଓ ଦୁଆରି ଭୋଗନୀତି ଅନୁଷ୍ଠିତ ହୋଇଥିଲା। ପରେ ଶ୍ରୀରାମ ଚନ୍ଦ୍ର, ମାତା ସୀତା, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ସିଂହାସନ ଆରୋହଣ କରିବା ପରେ ଶତାଧିକ ମାନସିକଧାରୀ ବନ୍ଦାପନା କରିଥିଲେ। ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

# ୩ ଗାଡ଼ି ଜାଳିଦେଲେ ଦୁର୍ବୃତ୍ତ; ଦୁଇ ଅଟକ



**ଗୋରୁ ବୋଝେଇ ହୋଇ ୨ ଗାଡ଼ି ଭୁବନେଶ୍ୱର ଅଭିମୁଖେ ଯାଉଥିଲା**

**ପିପିଲି, ୧୧।୪(ସମିସ):** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ତେଇସିପୁର ଛକ ନିକଟରେ ଦୁଇ ଗୋରୁ ବୋଝେଇ ଗାଡ଼ି ସହ ଏକ ବାଇକ୍‌କୁ ଦୁର୍ବୃତ୍ତ ଜାଳିଦେବା ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପିପିଲି ପୁଲିସ ଏହି ଘଟଣାରେ ଦୁଇ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ବିଳମ୍ବିତ ରାତିରେ ପିକ୍‌ଅପ୍ ଭ୍ୟାନ୍ ଓ ଟାଟାଏସିଇ ଭ୍ୟାନ୍‌ରେ ପୁରୀ ଆଡୁ ଗୋରୁ ବୋଝେଇ ହୋଇ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ଜାତୀୟ ରାଜପଥର ତେଇସିପୁର ଛକ ନିକଟରେ ଦୁର୍ବୃତ୍ତମାନେ ଗାଡ଼ିକୁ ଅଟକାଇବା ସହ ଗାଡ଼ି ଭିତରେ ଅତି ନିର୍ମମ ଭାବେ ଗୋଡ଼ ବନ୍ଧା ହୋଇ ରହିଥିବା ଗାଈଗୋରୁ, ଷଣ୍ଢମାନଙ୍କୁ ସେଥିରୁ ଉଦ୍ଧାର କରିଥିଲେ। ପରେ କେତେକ ଦୁର୍ବୃତ୍ତ ସେହି ଗାଡ଼ିଗୁଡ଼ିକୁ ଜାତୀୟ ରାଜପଥ ଉପରେ ନିଆଁ ଲଗାଇ ଘଟଣାସ୍ଥଳରୁ ଫେରାର୍ ହୋଇଥିଲେ। ପିପିଲି ଓ ସତ୍ୟବାଦୀରୁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଖବର ପାଇ ସାତଶଙ୍ଖ ଓ ପିପିଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ହୋଇଥିବା ଗାଡ଼ି ଡ୍ରାଇଭରକୁ ସେଠାରୁ ଉଦ୍ଧାର କରି ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିବାବେଳେ ପୁଲିସ ସେଠାରୁ ଜଣକୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଥିବା ନେଇ ସୂଚନା ଦେଇଛି। ଆହତଙ୍କୁ ମିଶାଇ ଦୁଇ ଜଣ ଥାନାରେ ଅଟକ ରହିଛନ୍ତି। ସମାନେ ହେଲେ ଡୁମୁଡୁମା ଅଞ୍ଚଳର ଏମ୍‌ଡି କରିମ୍ ଓ ସତ୍ୟବାଦୀ ଥାନା ଅଞ୍ଚଳର ଅନିଲ ସାହୁ। ଅନ୍ୟପଟେ ଘଟଣାସ୍ଥଳରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ସତ୍ୟବାଦୀ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିବା ସହ ସ୍ଥିତି ଅନୁଧ୍ୟାନ କରିଥିବା ନେଇ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୂଚନା ଦେଇଛନ୍ତି।

**କଣାସରେ ଲୋକକଳା ଦିବସ ପାଳିତ**

# ୫୦ ଜଣ କଳାକାରଙ୍କୁ ସମ୍ବର୍ଦ୍ଧନା



**କଣାସ, ୧୧।୪(ସମିସ):** କଣାସ ପଞ୍ଚାୟତ ସମିତି ସଭାଗୃହରେ ଶୁକ୍ରବାର ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇ ଲୋକକଳା ଦିବସ ପାଳିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଲୋକଳା ଦିବସ ପାଳିତ ହେଉଥିବାବେଳେ କଣାସ ବ୍ଲକରେ ମଧ୍ୟ ଲୋକକଳା ଦିବସ ପାଳିତ ହେବା ସହ ୫୦ ଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ପାଲା, ଦାସକାଠିଆ, ଘୋଡ଼ା ନାଚ, ରାମଲୀଳା, ଓଡ଼ିଶୀ ନାମସଂକୀର୍ତ୍ତନ, ଦଣ୍ଡନୃତ୍ୟ ପ୍ରଭୃତି ପୁରୁଣା ସଂସ୍କୃତି କିପରି ବଞ୍ଚିରହିବ ସେ ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି କପିଳ ଚରଣ ରାଉତରାୟ, କବି ତଥା ଗାୟକ ବୈକୁଣ୍ଠ ନାଥ ନରେନ୍ଦ୍ର, କିଶୋର ଚନ୍ଦ୍ର ପ୍ରଧାନ, ବଡାଲ ସରପଞ୍ଚ ଧନେଶ୍ୱର ଲେଙ୍କା, ଜିଲ୍ଲା ପରିଷଦ ସଦସ୍ୟା ଲତାମଣି ଜଗଦେବ, ବ୍ଲକ ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରାତନ ସଂସ୍କୃତିକୁ କଳାକାରମାନେ ବଞ୍ଚାଇ ରଖିଥିବାରୁ ସାଧୁବାଦ ଜଣାଇଥିଲେ।

# ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ନୟାହାଟ, ୧୧।୪(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ମଧୁବନଠାରେ ବାଇଦେଇ କ୍ରିକେଟ୍ କ୍ଲବ୍‌ର ୧୫ତମ ବାର୍ଷିକ ଉତ୍ସବକୁ ଶନିବାର ରାତି ୯ଟାରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ଧୂମାଳ ପଞ୍ଚାୟତର ଯୁବ ନେତା ଅଭିମନ୍ୟୁ ସିଂହ, ଇସାଣପୁର ପଞ୍ଚାୟତର ସରପଞ୍ଚ ଦୁଷ୍ମନ୍ତ ସ୍ୱାଇଁ, ୧୪ ନମ୍ବର ଜୋନ୍‌ର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜ୍ୟୋତି ରଞ୍ଜନ ନାୟକ, ଶିକ୍ଷାବିତ୍ କାହ୍ନୁ ଚରଣ ସାହୁ, ଏସ୍‌କେ ସିକନ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ଶ୍ରୀ ବେହେରା କହିଥିଲେ ଯେ ଖେଳିବା ଦ୍ୱାରା ଶୃଙ୍ଖଳା ଓ ଭାଇଚାରା ବଜାୟ ରହିବ। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିବେ ଓ ୧୦ ଓଭର ଲେଖାଏଁ ଖେଳାଯିବ। ଚାମ୍ପିଅନ ଦଳକୁ ୩୦ ହଜାର ଓ ରନର୍ସ ଦଳକୁ ୨୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

# ଅଖିଳ ଭାରତ କୃଷକ ସଭାର ପ୍ରତିଷ୍ଠା ଦିବସ




**ନିମାପଡ଼ା, ୧୧।୪(ସମିସ):** ଅଖିଳ ଭାରତ କୃଷକସଭା ନିମାପଡ଼ା ଆଞ୍ଚଳିକ କମିଟି ତରଫରୁ ନିମାପଡ଼ାଠାରେ ଅଖିଳ ଭାରତ କୃଷକ ସଭାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ୧୧ ଏପ୍ରିଲ୍ ୧୯୩୬ ମସିହାରେ ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ସହଜାନନ୍ଦ ସରସ୍ୱତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ କୃଷକମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହୋଇ ବ୍ରିଟିଶ୍ ବିରୋଧରେ ସଂଗ୍ରାମ କରି କୃଷକନେତାମାନେ କାରାବରଣ କରିଥିଲେ। ସ୍ୱାଧୀନତା ପରେ କୃଷକ ସଭା, ଜମିଦାର ବିରୋଧୀ, ଇମାନ୍‌ଦାର, ଗଛମାଛରେ ଅଧିକାର, ଲଙ୍ଗଳ ଯାହାର ଜମି ତାହାର ଓ ରାଜା ମହାରାଜାଙ୍କ ଭତ୍ତାକାଟ୍, ଭୂ-ସଂସ୍କାର, ବ୍ୟାଙ୍କ ଜାତୀୟକରଣ, ଜଳସେଚନ, ଜଳ ନିଷ୍କାସନ, କୃଷକମାନଙ୍କ ଉପରୁ କୃଷିଋଣ ଛାଡ଼ ଆନ୍ଦୋଳନ ହୋଇଛି। ବର୍ତ୍ତମାନର ଦାବିଗୁଡ଼ିକ ସ୍ୱାମୀନାଥନ୍ କମିଶନ ରିପୋର୍ଟ କାର୍ଯ୍ୟକାରୀ କରିବା, କୃଷିଜାତ ଦ୍ରବ୍ୟର ଏମ୍‌ଏସ୍‌ପିକୁ ଆଇନ ପ୍ରଣୟନ କରିବା, ଧାନ କ୍ୱିଣ୍ଟାଲ ୫ହଜାର ଟଙ୍କାକୁ ବୃଦ୍ଧି କରିବା, ସରକାରୀ ଧାର୍ଯ୍ୟ ଦରରେ ସମସ୍ତ ଧାନ କ୍ରୟ କରିବା, ଚାଷୀଙ୍କଠାରୁ କମ୍ ଦରରେ ଧାନ କିଣୁଥିବା ବେପାରୀଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ୬୦ ବର୍ଷ ପରେ ସମସ୍ତ ଚାଷୀ, ଚାଷୀ ମୂଲିଆଙ୍କୁ ୬ହଜାର ଟଙ୍କା ପେନ୍‌ସନ ଦେବା, ୩୦୦ ୟୁନିଟ୍ ବିଜୁଳି ବିଲ୍ ଛାଡ଼ କରିବା, ବକେୟା କୃଷିଋଣ ଛାଡ଼ କରିବା, ନିମାପଡ଼ା ଉପଖଣ୍ଡ ଅଞ୍ଚଳରେ ଜଟ ବିହିନ ଅଣ୍ଡିରା ବାଛୁରୀମାନଙ୍କୁ ଗୋଶାଳାକୁ ସ୍ଥାନାନ୍ତରିତ କରିବା ଆଦି ଦାବି କରାଯାଇଛି। ଆଗାମୀ ଦିନରେ ଆନ୍ଦୋଳନ ଜୋର୍‌ଦାର୍ କରାଯିବ ବୋଲି ବରିଷ୍ଠ ନେତା ଦେବେନ୍ଦ୍ର ନାଥ ସାହୁ, ରାଜ୍ୟ କୃଷକ ନେତା ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ସନ୍ତୋଷ ବେହେରା, ପ୍ରଫୁଲ୍ଲ ସାହୁ, ମହେନ୍ଦ୍ର ବାରିକ, ଦଣ୍ଡପାଣି ସାହୁ, ଶଙ୍କର ପରିଡ଼ା, କୈଳାଶ ଛାଟୋଇଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

# ଶିକ୍ଷକଙ୍କ ବିୟୋଗରେ ଶୋକସଭା



**ଡେଲାଙ୍ଗ, ୧୧।୪(ସମିସ):** ଶିକ୍ଷକ ପର୍ଶୁରାମ ସାହୁଙ୍କ ବିୟୋଗରେ ଶୋକସଭା ହରିପୁରସ୍ଥିତ ବାସଭବନରେ ଶିକ୍ଷାବିତ୍ ଚକ୍ରଧର ପ୍ରଧାନଙ୍କ ଅଧ୍ୟତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷକ ନାରାୟଣ ବେହେରା, ମନୋରଞ୍ଜନ ପ୍ରଧାନ, ପବିତ୍ର ମୋହନ ଜେନା, ସିଆର୍‌ସିସି କୃତ୍ତିବାସ ପରିଡ଼ା, ତପନ ମଲ୍ଲିକ୍, ଭୂପତି ତ୍ରିପାଠୀ, ଜୟକାନ୍ତୀ ମେଣ୍ଟା, ଶିକ୍ଷାବିତ୍ ମିଟୁ କିଶୋର ପ୍ରଧାନ, ଅଭୟ ଚରଣ ସାହୁ ପ୍ରମୁଖ ଉପସ୍ଥିତ ରହି ଦିବଂଗତ ଶିକ୍ଷକ ଶ୍ରୀ ସାହୁ ଛାତ୍ର ସମାଜ ପ୍ରତି ଅବଦାନ, ମେଳାପିଗୁଣ, ମଧୁର ବଚନ, ସହଯୋଗୀ ମନୋଭାବ ନେଇ ଆଲୋକପାତ କରିଥିଲେ। ତାଙ୍କ ଅକାଳ ବିୟୋଗ ନେଇ ଶିକ୍ଷକ ସଂଘ ପକ୍ଷରୁ ୧ ମିନଟ୍ ନିରବ ପ୍ରାର୍ଥନା କରାଯାଇଥିବା ବେଳେ ପତ୍ନୀ ମନୋରମାଙ୍କୁ ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସଂଘ ସମ୍ପାଦକ ପ୍ରଶାନ୍ତ ଦାଶ, ପ୍ରଦୀପ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ସୁରେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଥାଉକି, ଶିକ୍ଷକ ପର୍ଶୁରାମ ନୂଆହାଟ ବିଦ୍ୟାଳୟରେ ଶିକ୍ଷକତା କରୁଥିବାବେଳେ ନାମଲେଖା ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ କରିବାକୁ ଯାଉଥିଲେ। ରାସ୍ତାରେ ଯିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁ ଘଟିଥିଲା।

**୧୫ତମ ଭାଗବତ ପାଠ ଉତ୍ସବ**

**ଚାରିଛକ, ୧୧।୪(ସମିସ):** ଚାରିଛକ ଓରପଟ ଗ୍ରାମର ପ୍ରଶାନ୍ତ ବେହେରାଙ୍କ ବାସଗୃହରେ ୧୫ତମ ଭାଗବତ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାରସ୍କନ୍ଧ ଭାଗବତ ପାଠ କରାଯିବା ସହିତ ଗୀତାପାଠ ସହ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପରିଚାଳନା କମିଟି ବୈଠକ




**ସାକ୍ଷୀଗୋପାଳ, ୧୧।୪(ସମିସ):** ଏକ ଉନ୍ନତ ବିଦ୍ୟାଳୟ ସମ୍ମିଳିତ ଉଦ୍ୟମ ଦ୍ୱାରା ହିଁ ସମ୍ଭବପର ହୋଇଥାଏ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା ଏବଂ ବିକାଶ କମିଟିର ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଦ୍ୟାଳୟର ଉପସଭାପତି ତଥା ସତ୍ୟବାଦୀ ବ୍ଲକ ଉନ୍ନୟନ ଅଧିକାରୀ ଦେବାଶିଷ ନାୟକ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ତଥା କମିଟିର ଆବାହକ ବିଶ୍ୱନାଥ ପାଢ଼ୀ ସଭା ପରିଚାଳନା କରିବା ସହ ଅନ୍ୟାନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ବିଦ୍ୟାଳୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପସ୍ଥାପନା କରିଥିଲେ। ଏହି ସଭାରେ ବିଦ୍ୟାଳୟ ଛାତ୍ରୀ ନିବାସ ନିର୍ମାଣ କାର୍ଯ୍ୟ କେନ୍ଦ୍ରବିନ୍ଦୁ ସାଜିଥିବାବେଳେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ମଧ୍ୟ କରାଯାଇଥିଲା। ବିଶେଷ କରି ବିଦ୍ୟାଳୟର ଖେଳପଡ଼ିଆର ଉନ୍ନତିକରଣ, ଛାତ୍ରଛାତ୍ରୀମାନଙ୍କ ପାଇଁ ସାଇକଲ ଷ୍ଟାଣ୍ଡ ନିର୍ମାଣ, ବିଦ୍ୟାଳୟ ଗୃହର ମରାମତି ଓ ରକ୍ଷଣାବେକ୍ଷଣ ସମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। ଶିକ୍ଷାଗତ ଦିଗ ଉପରେ ଗୁରୁତ୍ୱ ଦେଇ ବାର୍ଷିକ ପରୀକ୍ଷା ଫଳାଫଳର ସମୀକ୍ଷା କରାଯାଇଥିଲା ଏବଂ ଆଗାମୀ ଶିକ୍ଷାବର୍ଷରେ ଶିକ୍ଷାଦାନ ପଦ୍ଧତିକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ପଦକ୍ଷେପ ନେବାକୁ ସ୍ଥିର କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ପାଇଁ ଆବଶ୍ୟକ ଉନ୍ନତିମୂଳକ ପଦକ୍ଷେପ ସହ ନାନାବିଧ ସମସ୍ୟାର ସମାଧାନ ଦିଗରେ ଆଲୋଚନା ହୋଇଥିଲା।

# ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କୁ 'ପ୍ରବୋଧନ' ପ୍ରଶିକ୍ଷଣ

କୋଣାର୍କ, ୧୧।୪(ସମିସ)



ଗୋପ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଦଶବାଟିଆ ହାଇସ୍କୁଲ ପରିସରରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ପ୍ରବୋଧନ' ଅନୁଷ୍ଠିତ ହୋଇଯାଇଛି। ପାଞ୍ଚଦିନ ବ୍ୟାପୀ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଜାତୀୟ ଶିକ୍ଷାନୀତି-୨୦୨୦ର ଲକ୍ଷ୍ୟକୁ ସାକାର କରିବା ଉଦ୍ଦେଶ୍ୟରେ ଜାତୀୟ ପାଠ୍ୟକ୍ରମ ଆଧାର-୨୦୨୩ ଓ ଓଡ଼ିଶା ପାଠ୍ୟକ୍ରମ ଆଧାର-୨୦୨୫ର ଅନୁକରଣରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ବିଦ୍ୟାର୍ଥୀଙ୍କ ନିମନ୍ତେ ପ୍ରସ୍ତୁତ ନୂତନ ପାଠ୍ୟ ପୁସ୍ତକର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ନୂତନ ପାଠ୍ୟ ପୁସ୍ତକଗୁଡ଼ିକରେ ସନ୍ନିହିତ ପ୍ରସଙ୍ଗଗୁଡ଼ିକରେ ଭାରତୀୟ ଜ୍ଞାନ ପରମ୍ପରା ଓ ଆଞ୍ଚଳିକତାକୁ ଗୁରୁତ୍ୱ ଦିଆଯାଇଛି। ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକମାନେ ଦକ୍ଷତାଭିତ୍ତିକ ଶିକ୍ଷଣ ଓ ଆକଳନ ('ପଞ୍ଚପଦୀ' ସୋପାନ) ମାଧ୍ୟମରେ ଶିକ୍ଷାର୍ଥୀଙ୍କ ସାମଗ୍ରିକ ବିକାଶ(ପଞ୍ଚକୋଷ)କୁ ସୁନିଶ୍ଚିତ କରିବା ଏହି ପ୍ରଶିକ୍ଷଣର ମୂଳ ଲକ୍ଷ୍ୟ ବୋଲି ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ପ୍ରକାଶ କରିଛନ୍ତି। ଗୋପ ବ୍ଲକର ଦଶବାଟିଆ ହାଇସ୍କୁଲ, ନାଗପୁର ନୋଡାଲ ହାଇସ୍କୁଲ, ନିଗମାନନ୍ଦ ହାଇସ୍କୁଲ ଓ ନୟାହାଟ ହାଇସ୍କୁଲ ପରିସରରେ ତିନୋଟି ପର୍ଯ୍ୟାୟରେ ୪୫୦ ଶିକ୍ଷକଶିକ୍ଷୟିତ୍ରୀଙ୍କୁ 'ପ୍ରବୋଧନ' ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଅବଶିଷ୍ଟ ୧୬୦ ଜଣ ଶିକ୍ଷକଙ୍କୁ ଖୁବ୍‌ଶୀଘ୍ର ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଗୋପ ମଣ୍ଡଳ ଶିକ୍ଷାଧିକାରୀ ଅମିତା ସେନାପତି ସୂଚନା ଦେଇଛନ୍ତି।

**'ପଞ୍ଚପଦୀ' ଶିକ୍ଷଣ ମାଧ୍ୟମରେ ହେବ 'ପଞ୍ଚକୋଷ'ର ବିକାଶ**

ଗୋପ ଏବିଇଓ ତଥା ବିଆର୍‌ସିସି ଦେବେନ୍ଦ୍ରନାଥ କାଣ୍ଡି ଓ ଏବିଇଓ ସମ୍ରାଟ ଭଞ୍ଜ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାଧନକର୍ମୀ(ରିସୋର୍ସ ପର୍ସନ) ରୂପେ ଦଶବାଟିଆ ହାଇସ୍କୁଲରେ ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି, ସିଆର୍‌ସିସି ସ୍ମୃତିରେଖା ବରାଳ, ସିଆର୍‌ସିସି କିଶୋର ମାଝୀ ଓ ଶିକ୍ଷକ ରାଜେଶ ନାୟକ, ନାଗପୁର ନୋଡାଲ ହାଇସ୍କୁଲରେ ଦୁଃଶାସନ ଦଳାଇ, ଡ. ପ୍ରଦୀପ କୁମାର ପାତ୍ର, ପ୍ରଦୀପ କୁମାର ମହାନ୍ତି ଓ ପ୍ରଭାତ କୁମାର ସାହୁ, ନିଗମାନନ୍ଦ ହାଇସ୍କୁଲରେ ଅକ୍ଷୟ କୁମାର ଦାସ, ଝୁଲି ନାୟକ, ଆଲୋକ ରଞ୍ଜନ ପ୍ରଧାନ ଓ ରୋଜାଲିନ୍ ବାରିକ ଏବଂ ନୟାହାଟ ହାଇସ୍କୁଲ ପ୍ରଶିକ୍ଷଣ ଶିବିରରେ ବିନୋଦ କୁମାର ମିଶ୍ର, ତାପସ ନାୟକ, ଜିତେନ୍ଦ୍ର ମୁଦୁଲି ଓ ବିଦ୍ୟାଧର ମିଶ୍ର ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରଶିକ୍ଷଣ ଶିବିର ପରିଚାଳନାରେ ସିଆର୍‌ସିସି ଦୀପକ ସେନାପତି, ସିଆର୍‌ସିସି ପ୍ରଶାନ୍ତ ବରାଳ ଓ ସିଆର୍‌ସିସି ସୁଚରିତା ପାତ୍ର ସହଯୋଗ କରିଥିଲେ।

## ବିଶ୍ୱ ଛେନାପୋଡ଼ ଦିବସ ପାଳିତ

# ଛେନାପୋଡ଼ ପାଇଁ ନୟାଗଡ଼ ପରିଚିତ

ନୟାଗଡ଼,୧୧।୪(ସମିସ)




ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଶ୍ୱ ଛେନାପୋଡ଼ ଦିବସ ପାଳିତ ହୋଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଖେଳପଡ଼ିଆରେ ବିଶାଳ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଙ୍ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ନିର୍ବାଚନ ମଣ୍ଡଳୀ ବିଜେଡି ସଭାପତି ଗଙ୍ଗାଧର ପଣ୍ଡା, ବ୍ଲକ ବିଜେଡି ସଭାପତି ଭଞ୍ଜକିଶୋର ମହାପାତ୍ର, ଜିଲ୍ଲା ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନୟାଗଡ଼ର ଗର୍ବ ଓ ଗୌରବ ତଥା ନୟାଗଡ଼ରୁ ଉତ୍ପତ୍ତି ଛେନାପୋଡ଼ ଦିବସ ସୁଦର୍ଶନ ସାହୁଙ୍କ ଜନ୍ମଦିନ ଅବସରରେ ପାଳନ କରାଯାଉଥିବା ନୟାଗଡ଼ ବିଧାୟକ କହିଥିଲେ। ସୁଦର୍ଶନଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଛେନାପୋଡ଼ର ଜନକ ଭାବେ ସମ୍ମାନ ପ୍ରଦାନ କରାଯାଇଛି। ଛେନାପୋଡ଼କୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ଆବେଦନ ସରିଛି। ଏଥିପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ନୟାଗଡ଼ ପାଇଁ ଛେନାପୋଡ଼ ଓ ଛେନାପୋଡ଼ ପାଇଁ ନୟାଗଡ଼ ପରିଚିତ। ଛେନାପୋଡ଼ ଦିବସ ପାଳନ ପ୍ରତ୍ୟେକ ବର୍ଷ କରାଯିବ ବୋଲି କହିଥିଲେ। ଏହି ଅବସରରେ ସୁଦର୍ଶନ ସାହୁଙ୍କ ପୁଅ ସୁମନ କୁମାର ସାହୁଙ୍କ ଦ୍ୱାରା ଛେନାପୋଡ଼ କଟାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ଶତାଧିକ ଲୋକ ଏକାଠି ହୋଇଥିଲେ। ସମସ୍ତଙ୍କୁ ଛେନାପୋଡ଼ ବଣ୍ଟନ କରାଯାଇଥିଲା।

## ସୁଦର୍ଶନଙ୍କ ବାସଭବନରେ ଭବ୍ୟ କାର୍ଯ୍ୟକ୍ରମ

**ନୟାଗଡ଼:** ଛେନାପୋଡ଼ର ଜନକ ସ୍ୱର୍ଗତ ସୁଦର୍ଶନ ସାହୁଙ୍କ ଜନ୍ମଦିନକୁ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଉଛି। ଶନିବାର ସୁଦର୍ଶନଙ୍କ ବାସଭବନରେ ପରିବାର ପକ୍ଷରୁ ଛେନାପୋଡ଼ ଦିବସ ପାଳନ କରାଯାଇଛି। ପୁଅ ସୁମନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଙ୍ଦେବାଶିଷ ପଟ୍ଟନାୟକ, ପୌରାଧ୍ୟକ୍ଷା ନିରୁପମା ଖଟେଇ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଯୋଗଦେଇଥିଲେ। ସୁଦର୍ଶନଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଛେନାପୋଡ଼



କାଟି ଅତିଥିମାନେ ଉତ୍ସାହର ସହ ଏହାକୁ ପାଳନ କରିଥିଲେ। ନୟାଗଡ଼ର ବହୁ ସାମ୍ବାଦିକ, ବୁଦ୍ଧିଜୀବୀ ଏବଂ ଯୁବକ ସାମିଲ ହୋଇଥିଲେ।

## ବିଜେଡି କାର୍ଯ୍ୟାଳୟ



**ନୟାଗଡ଼:** ଛେନାପୋଡ଼ର ସ୍ରଷ୍ଟା ସୁଦର୍ଶନ ସାହୁଙ୍କ ଜନ୍ମଦିନରେ ନୟାଗଡ଼ ବିଜେଡି କାର୍ଯ୍ୟାଳୟରେ ଛେନାପୋଡ଼ ଦିବସ ପାଳିତ ହୋଇଛି। ବରିଷ୍ଠ ନାଗରିକମାନଙ୍କୁ ନେଇ ପାଳିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ ଛେନାପୋଡ଼ କାଟିଥିଲେ। ବରିଷ୍ଠ ନାଗରିକ ସଂଘର ପ୍ରତାପ ନନ୍ଦ, ବିଶ୍ୱନାଥ ନାୟକଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ଛେନାପୋଡ଼ ଦିବସ ପାଳନ କରିଥିଲେ।

## ଜିଲ୍ଲା ଓକିଲ ସଙ୍ଘ

**ନୟାଗଡ଼:** ନୟାଗଡ଼ ଜିଲ୍ଲା ଓକିଲ ସଙ୍ଘ ପକ୍ଷରୁ ସଙ୍ଘ ସମ୍ମିଳନୀ କକ୍ଷଠାରେ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରାଯାଇଛି। ନୟାଗଡ଼ ଜିଲ୍ଲା ଜଜ୍ ଅଜନ୍ତା ଷଡ଼ଙ୍ଗୀ ନୟାଗଡ଼ ପ୍ରସିଦ୍ଧ ଛେନାପୋଡ଼ କାଟି ଛେନାପୋଡ଼ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜଜ୍ ରୀଜା ରାୟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତିସ୍ନିଗ୍ଧା ଦାଶ, ସବ୍‌ଜଜ୍ ଏଲଆର ରବିନାରାୟଣ ବେହେରା, ରେଜିଷ୍ଟ୍ରାର ସୋନାଲି ସରିତା, ଏସଡିଜେଏମ ସମାପିକା ସମଦର୍ଶିନୀ, ସିଡିଓ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ଏବଂ ଏସଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଛେନାପୋଡ଼ କାଟି ଖୁସି ମୁହୂର୍ତ୍ତରେ ସାମିଲ ହୋଇଥିଲେ। ଜିଲ୍ଲା ଓକିଲ ସଙ୍ଘ ସଭାପତି ରଣଜିତ ଦାଶ, ସମ୍ପାଦକ ସ୍ୱଦେଶ ମିଶ୍ର, ଉପସଭାପତି ପ୍ରସନ୍ନ କୁମାର ପଢ଼ିଆରୀ, ସହ ସମ୍ପାଦକ ନିରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ବିଭୁଦତ୍ତ ସାହୁ, ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ଶତପଥୀ, ଦଣ୍ଡପାଣି ନାୟକ, ଦଣ୍ଡପାଣି ସ୍ୱାଇଁ, କାର୍ତ୍ତିକ ନାୟକ, ଅନୱାର ମଲ୍ଲିକ, ମନୋରଞ୍ଜନ ମହାପାତ୍ର, ଅରୁଣ ମହାପାତ୍ର, ସୁମନ କୁମାର ସାହୁ, ରମାନାଥ ଦାଶ, ରମେଶ ଚନ୍ଦ୍ର ମିଶ୍ରଙ୍କ ସମେତ କାର୍ଯ୍ୟକାରୀ କମିଟି ସଦସ୍ୟ ଗଣ ତଥା ଶତାଧିକ




ଆଇନଜୀବୀ, ବୁଦ୍ଧିଜୀବୀ, ସାମ୍ବାଦିକ ଏବଂ ମୋହରିର ସଙ୍ଘ କାର୍ଯ୍ୟକର୍ତ୍ତା ସୁଆଦିଆ ଛେନାପୋଡ଼ ଖାଇ ମଜା ନେଇଥିଲେ। ନୟାଗଡ଼ ଛେନାପୋଡ଼କୁ ଜିଆଇ ଟ୍ୟାଗ ମାନ୍ୟତା ଦେବା ସହ କୁଟୀରଶିଳ୍ପ ଭାବେ ପ୍ରୋତ୍ସାହିତ କରାଗଲେ ନୟାଗଡ଼ ବ୍ରାଣ୍ଡିଂ ଛେନାପୋଡ଼ ଦେଶବିଦେଶକୁ ରପ୍ତାନି ହୋଇପାରିବ। ଏହାଦ୍ୱାରା ଜିଲ୍ଲାରେ ନୂତନ କର୍ମନିଯୁକ୍ତି ସହ ଯୁବକମାନଙ୍କ ରୋଜଗାର ବୃଦ୍ଧିରେ ସହାୟକ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଛେନାପୋଡ଼ର ସ୍ରଷ୍ଟା ସ୍ୱର୍ଗତ ସୁଦର୍ଶନ ସାହୁଙ୍କୁ ସ୍ମରଣ କରାଯାଇଥିଲା।

## ଘରୋଇ ଅନୁଷ୍ଠାନ ଓ କ୍ଲବରେ ପାଳନ

**ନୟାଗଡ଼:** ନୟାଗଡ଼ ଜିଲ୍ଲାର ବିଭିନ୍ନ ଘରୋଇ ଅନୁଷ୍ଠାନ ଓ କ୍ଲବ ପକ୍ଷରୁ ଛେନାପୋଡ଼ ଦିବସ ପାଳନ କରାଯାଇଛି। ନୟାଗଡ଼ ବୃଦ୍ଧାଶ୍ରମରେ ହେଲ୍ପିଂ ହ୍ୟାଣ୍ଡ ତରଫରୁ ଛେନାପୋଡ଼ ଦିବସ ପାଳନ କରାଯାଇଛି। ହେଲ୍ପିଂ ହ୍ୟାଣ୍ଡ ସଦସ୍ୟ ଓ ସୁଦର୍ଶନଙ୍କ ପୁଅ ସୁମନ କୁମାର ସାହୁ ଯୋଗଦେଇ ଅନ୍ତେବାସୀଙ୍କ ସହ ଛେନାପୋଡ଼ କାଟି ଉତ୍ସାହର ସହ ଏହାକୁ ପାଳନ କରିଛନ୍ତି। ସେହିଭଳି କୁନ୍ତଳା ଦେବୀ ସ୍କୁଲ ଅଫ୍ ନର୍ସିଂ, ସତ୍ୟମ କମ୍ପ୍ୟୁଟର, ଜୟଦୁର୍ଗା କ୍ଲବ, ଦେବଦୂତ ସେବା ପରିଷଦ ସମେତ ବହୁ ଅନୁଷ୍ଠାନ ପକ୍ଷରୁ ଛେନାପୋଡ଼ ଦିବସ ପାଳନ କରାଯାଇଛି। ନୟାଗଡ଼ ବ୍ଲକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ମଧ ଛେନାପୋଡ଼ ଦିବସ ପାଳନ କରାଯାଇଛି। ବ୍ଲକର ବହୁ ଜନପ୍ରତିନିଧି ଏଥିରେ ସାମିଲ ହୋଇ ଛେନାପୋଡ଼ କାଟି ଏହାକୁ ପାଳନ କରିଛନ୍ତି। କାର୍ଯ୍ୟକ୍ରମରେ ବହୁ ସରପଞ୍ଚ, ସମିତି ଓ ସମାଜସେବୀ ସାମିଲ ହୋଇଥିଲେ। ନୟାଗଡ଼ ଘରୋଇ ବସ ମାଲିକ ସଂଘ ପକ୍ଷରୁ ଛେନାପୋଡ଼ ଦିବସ ପାଳନ କରାଯାଇଛି। ସଂଘ ସଭାପତି ଶେଖ୍ ୟୁସୁଫ୍ ଏବଂ ସମ୍ପାଦକ ମନୋଜ କୁମାର ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଉତ୍କଳ ସାମ୍ବାଦିକ ସଂଘ ସଭାପତି ଶ୍ରୀକାନ୍ତ କୁମାର ଖଟେଇ, ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ରଜତ ପଟ୍ଟନାୟକଙ୍କ ସମେତ ବହୁ ବସ ମାଲିକ ଏବଂ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ।

## ବିଜେପି ପକ୍ଷରୁ ବିଶ୍ୱ ଛେନାପୋଡ଼ ଦିବସ ପାଳନ

**ଖଣ୍ଡପଡ଼ା:** ଖଣ୍ଡପଡ଼ା ବ୍ଲକ ସିଂଘାପଡ଼ାରେ ଖଣ୍ଡପଡ଼ା ବିଜେପି ପକ୍ଷରୁ କଟକ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହଙ୍କ ସଂଯୋଜନାରେ ଶନିବାର ଅପରାହ୍ନରେ ବିଶ୍ୱ ଛେନାପୋଡ଼ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଙ୍ତାପସ ରଞ୍ଜନ ମାର୍ଥା, ନୟାଗଡ଼ ଜିଲ୍ଲା ପ୍ରଭାରୀ ସୁରଥ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦିବସକୁ ସ୍ମରଣୀୟ କରିଥିଲେ। ବହୁ ବର୍ଷ ପୂର୍ବେ ସୁଦର୍ଶନ ସାହୁ ପ୍ରଥମେ ଏହି ଛେନାପୋଡ଼ ପ୍ରସ୍ତୁତ କରିଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଲୋକପ୍ରିୟ ହୋଇଥିବା ମତପ୍ରକାଶ ପାଇଥିଲା। ଛେନାପୋଡ଼କୁ ଜିଆଇ




ଟ୍ୟାଗ୍ ମାନ୍ୟତା ସହ ଏହାର ସ୍ରଷ୍ଟା ସୁଦର୍ଶନ ସାହୁଙ୍କ ଜୟନ୍ତୀ ଏପ୍ରିଲ ୧୧କୁ "ବିଶ୍ୱ ଛେନାପୋଡ଼ ଦିବସ' ଭାବେ ବିଧିବଦ୍ଧ ଘୋଷଣା କରିବା ନିମନ୍ତେ ଅତିଥିମାନେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ରମାକାନ୍ତ ସେଠୀ, ପ୍ରକାଶ ଚନ୍ଦ୍ର ପଣ୍ଡା, ବରିଷ୍ଠ ନେତା ଭରତ ବେହେରା, ବିଜୟ ପୃଷ୍ଟିଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

● ଗୋଛାବାରି ପ୍ରାଥମିକ ବିଦ୍ୟାଳୟ ଓ ସେନେପେରି ଗାଁ

# ପାନୀୟ ଜଳ ପାଇଁ ହନ୍ତସନ୍ତ

**ଗଣିଆ,୧୧।୪(ସମିସ):** ଦିନକୁ ଦିନ ବଢ଼ିଲାଣି ଗ୍ରୀଷ୍ମ ପ୍ରବାହ। ଫଳରେ ଗାଁ ଗାଁରେ ଜଳସଙ୍କଟ ଦେଖା ଦେଇଛି। ପାନୀୟ ଜଳ ଯୋଗାଇ ଦେବା ପାଇଁ କରାଯାଇଛି ସୋଲାର ଟାଙ୍କି ବ୍ୟବସ୍ଥା। ହେଲେ ସୋଲାର ପମ୍ପ ଏବେ ଅଚଳ। ଦିନେ କି ଦୁଇଦିନ ନୁହେଁ, ଦୀର୍ଘ ତିନି ବର୍ଷ ଧରି ଅଚଳ ରହିଛି ପମ୍ପ। ଫଳରେ ପାନୀୟ ଜଳ ପାଇଁ ଲୋକ ହନ୍ତସନ୍ତ ହେଉଛନ୍ତି। ଏଭଳି ଅଭିଯୋଗ ଆସିଛି ଗଣିଆ ବ୍ଲକ ବଡ଼ସିଲିଙ୍ଗା ପଞ୍ଚାୟତ ଗୋଛାବାରି ଗାଁରୁ। ସେଠାରେ ଥିବା ପ୍ରାଥମିକ ବିଦ୍ୟାଳୟ ଏବଂ ସେନେପେରି ଗାଁରେ ଦୀର୍ଘଦିନ ହେବ ପାନୀୟ ଜଳ ସଙ୍କଟ ଦେଖା ଦେଇଛି। ଗ୍ରାମରେ ଥିବା କ୍ୟାମ୍ପରେ ପାଣିଆସୁ ନାହିଁ। ସେହିପରି ଗୋଛାବାରି ପ୍ରାଥମିକ ବିଦ୍ୟାଳୟରେ ଲାଗିଥିବା ସୋଲାର ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଛାତ୍ରଛାତ୍ରୀମାନେ ପାଣି ଟୋପେ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ଗଣିଆ ବ୍ଲକରେ ଜଣାଇଛନ୍ତି ଲୋକେ, କିନ୍ତୁ କୌଣସି ପଦକ୍ଷେପ ନିଆଯାଉନାହିଁ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଉକ୍ତ ଜଳ ପ୍ରକଳ୍ପ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।



# ରାଜ୍ୟ ବେସ୍‌ବଲ୍ ଦଳରେ ଖେଳିବେ ପୂଜା



**ଭାପୁର,୧୧।୪(ସମିସ):** ରାଜ୍ୟ ବେସବଲ ଦଳରେ ଖେଳିବେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଇଗୁଣିଆ ତନ୍ତୁବାୟ ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ପୂଜା ବେହେରା। ଏ ଖବର ଶୁଣି ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ୨୦୨୫ ନଭେମ୍ବର ୧୪ରୁ ୧୫ ତାରିଖ ପର୍ଯ୍ୟନ୍ତ ଦୁଇଦିନ ଧରି ବାଲେଶ୍ୱର ଖ୍ରୀଷ୍ଟିଆନ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ରାଜ୍ୟ ବିଦ୍ୟାଳୟସ୍ତରୀୟ ୧୭ ବର୍ଷରୁ କମ୍ ବେସବଲ ପ୍ରତିଯୋଗିତାରେ ପୂଜା ଅଧିନାୟକ ଦାୟିତ୍ୱ ତୁଲାଇବା ସହ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଜାତୀୟ ସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ଏପ୍ରିଲ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ହେବାକୁ ଥିବା ୬୯ତମ ନ୍ୟାସନାଲ ସ୍କୁଲ ଗେମ୍ ଆନୁକୂଲ୍ୟରେ ରାଜ୍ୟ ଦଳ ତରଫରୁ ସେ ଯୋଗଦେବାକୁ ଯାଉଛନ୍ତି। ୧୧ରୁ ୧୩ ତାରିଖ ସେ କଟକ ଜଗତପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିରରେ ଯୋଗଦେବେ। ୧୩ ତାରିଖ ରାଜ୍ୟ ଦଳ ଦିଲ୍ଲୀ ଯାତ୍ରା କରିବ। ପୂଜା ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ କ୍ରୀଡ଼ା ପୁରସ୍କାରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଆଶିଷ କୁମାର ପଟ୍ଟନାୟକଠାରୁ ପ୍ରଶିକ୍ଷଣ ନେଉଥିଲେ। ତାଙ୍କ ପିତା ନିକଟସ୍ଥ ବାହାଡ଼ା ଗ୍ରାମର ଅରୁଣ ବେହେରା ଜଣେ ଚାଷୀ ଏବଂ ମା' ରୀନା ବେହେରା ଜଣେ ଗୃହିଣୀ। ଏ ଖବର ପାଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରତାପ ରଣା, କ୍ରୀଡ଼ା ଶିକ୍ଷକ ଆଶିଷ କୁମାର ପଟ୍ଟନାୟକ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଉଭୟ ବାଇଗୁଣିଆ ଓ ବାହାଡ଼ା ଗ୍ରାମବାସୀ ପୂଜାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

● ବ୍ଲକ ପ୍ରଶାସନ ପକ୍ଷରୁ କବିତା ପାଠୋତ୍ସବ

# ବିଡିଓ ପାଳିଲେ ଛେନାପୋଡ଼ ଦିବସ




**ଭାପୁର,୧୧।୪(ସମିସ):** ଉତ୍କଳ ଦିବସରୁ ଓଡ଼ିଆ ନବବର୍ଷ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ତରଫରୁ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ଭାପୁର ବ୍ଲକ ପ୍ରଶାସନ ପକ୍ଷରୁ କବି ସମ୍ମିଳନୀ ଆୟୋଜିତ ହୋଇଛି। ଏଥିରେ ୪୦ରୁ ଊର୍ଦ୍ଧ୍ୱ କବି କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଭାପୁର ବ୍ଲକ ସଦଭାବନା କକ୍ଷରେ ଶନିବାର ପୂର୍ବାହ୍ନ ୧୧ଟାରେ ସମାବେଶ ଆୟୋଜିତ ହୋଇଥିଲା। ବ୍ଲକ ସାମାଜ ମଙ୍ଗଳ ଅଧିକାରୀ ଅମିତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ଓଡ଼ିଶା ଅସ୍ମିତାର ପରିଚୟ ଓଡ଼ିଆ କବିତା ପାଠୋତ୍ସବ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ କବି ତଥା ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନଶିକ୍ଷକ ନାରାୟଣ ତ୍ରିପାଠୀ। ମୁଖ୍ୟଅତିଥି ଭାବେ ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ମହାନ୍ତି ଓ ଶିଶୁକବି ଜୟକୃଷ୍ଣ ବାରିକ ଯୋଗଦେଇଥିଲେ। ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କବି ସବିତା ଶୁକ୍ଳ ବେଦମନ୍ତ୍ର ପାଠ କରିଥିଲେ। କଣ୍ଠଶିଳ୍ପୀ ଜୋତିର୍ମୟୀ ତ୍ରିପାଠୀ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। କବି ମନୋଜ କୁମାର ଶତପଥୀ ଓ ସୁରେଶ କୁମାର ମହାରଣା କବିତାଗୁଡ଼ିକୁ ସଂଯୋଜନା କରିଥିଲେ। କବି ନାରାୟଣ ଶୁକ୍ଳା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କବି, କବୟିତ୍ରୀଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଆଜି ବିଶ୍ୱ ଛେନାପୋଡ଼ ଦିବସ ଅବସରରେ ଭାପୁର ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟରେ ଛେନାପୋଡ଼ କଟାଯାଇ ଦିବସ ପାଳନ କରାଯାଇଥିଲା। ବିଡିଓ ସାରଦା ପ୍ରସନ୍ନ ପଣ୍ଡା ଆୟୋଜିତ କବି ସମ୍ମିଳନୀରେ କବି କବୟତ୍ରୀ, ସାମ୍ବାଦିକ ଓ ବ୍ଲକ କର୍ମଚାରୀଙ୍କୁ ନେଇ ଛେନାପୋଡ଼ କାଟି ସମସ୍ତଙ୍କୁ ଛେନାପୋଡ଼ ଖୁଆଇଥିଲେ।

# ୟୁନିଅନ ବ୍ୟାଙ୍କ ଏଟିଏମ୍ ଅଚଳ

**ଓଡ଼ଗାଁ,୧୧।୪(ସମିସ):** ଓଡ଼ଗାଁ ମନ୍ଦିର ରୋଡ୍‌ରେ ଥିବା ୟୁନିଅନ ବ୍ୟାଙ୍କ ଶାଖା ଏଟିଏମ୍ ଦୀର୍ଘ ୬ ମାସରୁ ଅଧିକ ସମୟ ଧରି ଅଚଳ ରହିଛି। ଫଳରେ ଗ୍ରାହକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଗ୍ରାହକଙ୍କ କହିବା ଅନୁସାରେ, ଏଟିଏମ୍ ସେବା ବନ୍ଦ ଥିବାରୁ ଟଙ୍କା ଉଠାଇବା ପାଇଁ ଅନ୍ୟ ବ୍ୟାଙ୍କ ଏଟିଏମ୍ ଉପରେ ନିର୍ଭର କରିବାକୁ ପଡୁଛି। ଏହାଦ୍ୱାରା ଅତିରିକ୍ତ ଶୁଳ୍କ ଦେବାକୁ ପଡୁଛି। ଏହାସହ ଏଟିଏମ୍ କାର୍ଡ ଆକ୍ଟିଭେସନ୍ ଓ ପିନ୍ ଜେନେରେସନ୍ ପାଇଁ ଗ୍ରାହକମାନେ ଦୂରଦୂରାନ୍ତରେ ଥିବା ୟୁନିଅନ ବ୍ୟାଙ୍କ ଏଟିଏମ୍‌କୁ ଯିବାକୁ ବାଧ ହେଉଛନ୍ତି। ଚାରିଦିନ ପୂର୍ବେ ବ୍ୟାଙ୍କର ଲିଙ୍କ୍ ଫେଲ୍ ହେବାରୁ ଗ୍ରାହକମାନେ ଘଣ୍ଟା ଘଣ୍ଟା ଧରି ବ୍ୟାଙ୍କ ବାହାରେ ଅପେକ୍ଷା କରି ଶେଷରେ ନିରାଶ ହୋଇ ଫେରିଥିଲେ। ପରେ କର୍ତ୍ତୃପକ୍ଷ "ଲିଙ୍କ୍ ଫେଲ୍' ବୋଲି ଲେଖି ଶାଖା ବନ୍ଦ କରିଦେଇଥିବା ଦେଖାଯାଇଥିଲା। ଏହି ସମସ୍ୟା ସମ୍ପର୍କରେ ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କରାଯାଇଛି। ଶୀଘ୍ର ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି। ଏକ ଜାତୀୟ ସ୍ତରର ପ୍ରମୁଖ ବ୍ୟାଙ୍କ ହୋଇଥିବା ବେଳେ ଓଡ଼ଗାଁ ଶାଖାରେ ଗ୍ରାହକ ସେବାର ଅବ୍ୟବସ୍ଥା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିସ୍ଥିତିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ଏଟିଏମ୍ ସେବାକୁ ସକ୍ରିୟ କରିବା ସହ ଗ୍ରାହକଙ୍କୁ ଆବଶ୍ୟକ ସୁବିଧା ଯୋଗାଇଦେବାକୁ ଦାବି ହୋଇଛି।

# ସେମିଫାଇନାଲରେ ରଘୁନାଥ ଆଥଲେଟିକ୍

**ଓଡ଼ଗାଁ,୧୧।୪(ସମିସ):** ଓଡ଼ଗାଁ ମିନି ଷ୍ଟାଡିୟମରେ ରଘୁନାଥ ଆଥଲେଟିକ୍ ଆସୋସିଏସନ (ଆରଏଏ) ପକ୍ଷରୁ ଆୟୋଜିତ ୨୦ ବର୍ଷରୁ କମ୍ ପ୍ରଥମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ଦିନ ଶନିବାର ଅପରାହ୍ନରେ ଗର୍ଜନୀକୁ ହରାଇ ଓଡ଼ଗାଁ ଆର୍‌ଏଏ ଦଳ ୮ ୱିକେଟରେ ବିଜୟୀ ହେବା ସହ ୨ୟ ଦଳ ଭାବେ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଆରଏଏ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଗର୍ଜନୀ ଦଳ ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୮୯ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଯାଇ ଓଡ଼ଗାଁ ଦଳ ୭.୪ ଓଭରରେ ୨ ୱିକେଟ ହରାଇ ୯୩ ରନ କରି ବିଜୟୀ ହୋଇଥିଲା। ଗର୍ଜନୀ ଦଳର ଆକାଶ ୨୦ ବଲରେ ୩୫ ରନ୍ ସଂଗ୍ରହ କରିଥିଲା ବେଳେ ବାଲୁ ୩ ଓଭରରେ ୧୮ ରନ ଦେଇ ୩ ୱିକେଟ ହାସଲ କରିଥିଲେ। ବିଜୟୀ ଦଳର ଶୁଭ ମ୍ୟାଚ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ୫୪ ଥର ରକ୍ତଦାନ କରି ଚର୍ଚ୍ଚାରେ ଜ୍ୟୋତିରଞ୍ଜନ

**ରଣପୁର,୧୧।୪(ସମିସ):** ମାନବ ସେବା ହିଁ ମାଧବ ସେବା; ମାନବତା ହିଁ ସର୍ବୋତ୍କୃଷ୍ଟ ଧର୍ମ। ଏହି ଉକ୍ତିକୁ ନିଜ ଜୀବନରେ ପ୍ରତ୍ୟକ୍ଷ ଭାବେ ପ୍ରୟୋଗ କରିଛନ୍ତି ରଣପୁର ବ୍ଲକ୍ ସୁର୍କାବାଡ଼ି ଗ୍ରାମର ମାଧବ ଚନ୍ଦ୍ର ସାହୁଙ୍କ ପୁଅ ଯୁବ ସମାଜସେବୀ ଜ୍ୟୋତିରଞ୍ଜନ ସାହୁ (୩୨)। ଏ ପର୍ଯ୍ୟନ୍ତ ସେ ୫୪ ଥର ରକ୍ତଦାନ କରି ଏକ ବିରଳ ଉଦାହରଣ ସୃଷ୍ଟି କରିବା ସହ ଚର୍ଚ୍ଚାରେ ଅଛନ୍ତି। ଜ୍ୟୋତିରଞ୍ଜନଙ୍କ ଏହି ସେବା ମନୋଭାବ, ନିଷ୍ପାପର ଉଦ୍ୟମ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି। କେବଳ ରକ୍ତଦାନ ନୁହେଁ; ମହାମାରୀ କରୋନା ସମୟରେ କିଛି ସାଙ୍ଗସାଥୀ, ସମର୍ଥକଙ୍କ ସହଯୋଗରେ ରୋଗୀଙ୍କୁ ମାଗଣା ଅକ୍ସିଜେନ୍ ସିଲିଣ୍ଡର ଯୋଗାଇ ସେବା ମନୋଭାବର ପରାକାଷ୍ଠା ପ୍ରଦର୍ଶନ କରିଥିଲେ। ଜରୁରୀ ସମୟରେ ଯଦି ହସ୍ପିଟାଲରୁ ବାର୍ତ୍ତା ପାଆନ୍ତି ତେବେ ସେ ଯେଉଁଠି ଥାଆନ୍ତୁ ନା କାହିଁକି ତୁରନ୍ତ ପହଞ୍ଚି ରକ୍ତଦାନ କରନ୍ତି। ଅନେକ ଦୁର୍ଘଟଣା ପୀଡ଼ିତ, ଗୁରୁତର ରୋଗୀ ଓ ପ୍ରସୂତିଙ୍କ ଜୀବନ ବଞ୍ଚାଇବାରେ ସେ ପ୍ରମୁଖ ଭୂମିକା ନେଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ରକ୍ତଦାନ ଶିବିର ଆୟୋଜନରେ ମଧ୍ୟ ସେ ଆଗୁଆ ଥାଆନ୍ତି। ଯୁବଗୋଷ୍ଠୀଙ୍କୁ ରକ୍ତଦାନ କରିବାକୁ ସେ ସଦା ପ୍ରେରିତ କରନ୍ତି। ଏଥିପାଇଁ ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ମଧ ତାଙ୍କୁ ବିଭିନ୍ନ ସମୟରେ ସମ୍ମାନିତ କରାଯାଇଛି।



# ଆସାମ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



**ନୟାଗଡ଼,୧୧।୪(ସମିସ):** ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ ଅନୁସାରେ ନୟାଗଡ଼ ଡିସିସି ପକ୍ଷରୁ କଂଗ୍ରେସ ସଭାପତି ତଥା ଦେଶର ପ୍ରମୁଖ ଦଳିତ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କ ପ୍ରତି ଅଶାଳୀନ, ଅପମାନ ସୂଚକ ମନ୍ତବ୍ୟ ପ୍ରତିବାଦରେ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କ ନେତୃତ୍ୱରେ ଆସାମ ବିଜେପି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ନୟାଗଡ଼ କୋର୍ଟ ଛକରେ ଅନୁଷ୍ଠିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଡିସିସି ଉପସଭାପତି ଫକୀର ଚରଣ ମଲ୍ଲ, ସାଧାରଣ ସମ୍ପାଦକ ପୀତବାସ ଖୁଣ୍ଟିଆ, ନୟାଗଡ଼ ମ୍ୟୁନିସିପାଲିଟି କଂଗ୍ରେସ ସଭାପତି ରାଜକିଶୋର ଜେନା, ଡିସିସି ଦଳିତ କଂଗ୍ରେସ ସଭାପତି ଜିତେନ୍ଦ୍ର ଦଳେଇ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, କଂଗ୍ରେସ ନେତା ଦେବାଶିଷ ମହାପାତ୍ର, ଅନ୍ତର୍ଯ୍ୟାମୀ ସାହୁଙ୍କ ସମେତ ବହୁ ଯୁବଛାତ୍ର କଂଗ୍ରେସ କାର୍ଯ୍ୟକର୍ତ୍ତା ଯୋଗଦେଇ ହିମନ୍ତଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

# ଶିଳାନ୍ୟାସରେ ଅଟକିଛି ଆହାର କେନ୍ଦ୍ର ଓ ମାର୍କେଟ କମ୍ପ୍ଲେକ୍ସ

ଖଣ୍ଡପଡ଼ା,୧୧।୪(ସମିସ)

ରାଜ୍ୟରେ ସରକାର ପରିବର୍ତ୍ତନ ସହ ଖଣ୍ଡପଡ଼ା ରାଜନୀତିରେ ବି ପରିବର୍ତ୍ତନ ଆସିଛି। ଦୀର୍ଘ ୨୪ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ଶାସନରୁ ଚାଲିଯିବା ପରେ ସମଗ୍ର ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ କେବଳ ବିଧାୟକଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ଏବେ ଶିଳାନ୍ୟାସ କରାଯାଉଥିବା ପରିଲକ୍ଷିତ ହେଉଛି। ଖଣ୍ଡପଡ଼ା ସହର ୧୨ନଂ ୱାର୍ଡସ୍ଥିତ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆହାର କେନ୍ଦ୍ର ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ଗତ ବର୍ଷ ଏପ୍ରିଲ ୩୦ ତାରିଖ ମନ୍ତ୍ରୀ,



ବିଧାୟକ ଓ ସାଂସଦଙ୍କ ଦ୍ୱାରା ଶିଳାନ୍ୟାସ ହୋଇଥିଲା। ହେଲେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କେବଳ ଫଳକରେ ସୀମିତ ରହିଯାଇଛି। ଅପରପକ୍ଷେ ଖଣ୍ଡପଡ଼ା ସହର ଡାକ୍ତରଖାନା ଛକସ୍ଥିତ ୨ଟି କ୍ୟାବିନ ଗୃହରେ ଆହାର କେନ୍ଦ୍ର ପ୍ରଥମରୁ ଅତି ଦୟନୀୟ ସ୍ଥିତିରେ ଚାଲିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆହାର କେନ୍ଦ୍ର ପରିସରରେ ସ୍ଥାନ ଅଭାବରୁ ଖାଦ୍ୟ ଖାଇବା ବେଳେ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ନୂତନ ଆହାର କେନ୍ଦ୍ର ନିର୍ମାଣ ସହ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

